# ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ମୟୁରଭଞ୍ଜ

ସଂଖ୍ୟା ୨୬୪ / ଜି. ପ. ତା. ୦୮.୦୧.୨୦୨୬

## ନୋଟିସ

ଏତଦ୍ବାରା ସମସ୍ତ ପଞ୍ଚାୟତିରାଜ ବ୍ୟବସ୍ଥାର ନିର୍ବାଚିତ ସଦସ୍ୟ/ସଦସ୍ୟା, ନିର୍ବାଚିତ ପ୍ରତିନିଧି ଓ ସାମାଜିକ ସଂଗଠନର ସଦସ୍ୟ/ସଦସ୍ୟାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ରାଜ୍ୟ ସରକାରଙ୍କ ଯୋଜନା- "ବିକଶିତ ଗାଁ ବିକଶିତ ଓଡିଶା" ୨୦୨୫-୨୬ ର ନିୟମାବଳୀ ଅନୁଯାୟୀ ମୟୁରଭଞ୍ଜ ଜିଲ୍ଲାର ବଡ଼ସାହି, ବେତନଟୀ ଓ ଜାମଦା ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଆହ୍ବାନ କରାଯାଉଅଛି । ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ରାଜ୍ୟ ସରକାରଙ୍କ ସଂକଳ୍ପ ପତ୍ର ସଂ.୨୨୯୧/PR&DW ତା.୨୮.୦୧.୨୦୨୫ ଓ ୭୯୯/ PR&DW ତା.୦୭.୦୧.୨୦୨୬ ରେ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ଜିଲ୍ଲାପାଳ ମୟୁରଭଞ୍ଜଙ୍କ ଉଦ୍ଦେଶ୍ୟରେ ନୋଟିସର ୭ (ସାତ) ଦିନ ମଧ୍ୟରେ ପ୍ରଦାନ କରିବେ ।

ଜିଲ୍ଲାପାଳ ତଥା ମୁଖ୍ୟ-ନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ମୟୁରଭଞ୍ଜ

ଜ୍ଞାପକ ସଂଖ୍ୟା ୨୬୫ / ତା. ୦୮.୦୧.୨୦୨୬

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଡ଼ସାହି, ବେତନଟୀ ଓ ଜାମଦାଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ଏଥି ସହିତ ଅନୁରୋଧ କରାଗଲା କି ଉପରୋକ୍ତ ଇସ୍ତାହାରକୁ ଉପର ବର୍ଣ୍ଣିତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ଅବଗତି ନିମନ୍ତେ ପ୍ରେରଣ କରିବା ସହିତ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ସ୍ଥାନିତ କରିବେ ।

ପୁନଶ୍ଚ ଅନୁରୋଧ କରାଗଲା କି ସମସ୍ତଙ୍କ ଠାରୁ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକୁ ସଂଗ୍ରହ କରି ଏହାର ଏକ ଚିଠା ପ୍ରସ୍ତୁତ କରି ନିମ୍ନ ସ୍ୱାକ୍ଷରିତ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ମୟୁରଭଞ୍ଜ

ଜ୍ଞାପକ ସଂଖ୍ୟା ୨୬୬ / ତା. ୦୮.୦୧.୨୦୨୬

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ମୟୁରଭଞ୍ଜ

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
Government of Odisha
Panchayati Raj & D.W Department

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in


ସଂଖ୍ୟା : [illegible] /PR & DW                                                    ତା. ୦୩/୦୧/୨୦୨୬ ରିଖ

PTS-PR-SFC-SCHEME-0006-2024

## ସଂକଳ୍ପପତ୍ର

ବିଷୟ: "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ପାଇଁ ନିର୍ଦ୍ଦେଶାବଳୀରେ ସଂଶୋଧନ ।

ସକ୍ରିୟ ନାଗରିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ପ୍ରକଳ୍ପ ଚୟନ ପ୍ରକ୍ରିୟାର ସରଳୀକରଣ, ଦୀର୍ଘକାଳୀନ ଗୋଷ୍ଠୀ ସମ୍ପଦର ନିର୍ମାଣ ତଥା ଗୁଣବତ୍ତା ସୁନିଶ୍ଚିତ କରିବା ନିମନ୍ତେ " ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାର ପ୍ରଚଳିତ ନିର୍ଦ୍ଦେଶାବଳୀ (ସଂକଳ୍ପ ସଂଖ୍ୟା ୨୨୯୧/ପଞ୍ଚାୟତିରାଜ ଓ ପାନୀୟ ଜଳ ତା. ୨୮.୦୧.୨୦୨୫ ରିଖ ) ନିମ୍ନଲିଖିତ ଭାବରେ ସଂଶୋଧନ କରାଯାଉଛି।

(କ) ଅନୁଚ୍ଛେଦ ୭ (ପ୍ରକଳ୍ପ ଚୟନ) ନିମ୍ନମତେ ପ୍ରତିସ୍ଥାପନ କରାଗଲା ।

ଗ୍ରାମସଭା ସହିତ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ପ୍ରକୃତ ଆବଶ୍ୟକତାଗୁଡିକୁ ପୂରଣ କରିପାରୁଥିବା ପ୍ରକଳ୍ପଗୁଡିକର ଚୟନ କରାଯିବ ।

୭.୧- ସମ୍ପୃକ୍ତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ଆବଣ୍ଟନ ଅନୁଯାୟୀ ଏକ ଆବଶ୍ୟକତା ଆଧାରିତ ପ୍ରକଳ୍ପ ତାଲିକା ଗ୍ରାମସଭା ଦ୍ୱାରା ପ୍ରସ୍ତୁତ କରାଯିବ । ଗ୍ରାମସଭାରେ ଯୋଗ ଦେଇଥିବା ବ୍ଲକର ନୋଡାଲ ଅଧିକାରୀ ପ୍ରକଳ୍ପ ତାଲିକାକୁ ତୁରନ୍ତ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରିବେ ।

୭.୨- ସମ୍ପୃକ୍ତ ଜିଲ୍ଲାପାଳ ପ୍ରତିବର୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଜିଲ୍ଲା ପରିଷଦ, ବ୍ଲକ, ଗ୍ରାମପଞ୍ଚାୟତର ନୋଟିସ୍ ବୋର୍ଡ ଏବଂ ଜିଲ୍ଲା ୱେବପୋର୍ଟାଲରେ ଏକ ନୋଟିସ୍ ପ୍ରକାଶ କରି ପି.ଆର୍.ଆଇ. ସଦସ୍ୟ, ନିର୍ବାଚିତ ପ୍ରତିନିଧି ଏବଂ ନାଗରିକ ସମାଜ ସଦସ୍ୟଙ୍କଠାରୁ ଆବଶ୍ୟକୀୟ ପ୍ରକଳ୍ପ ପ୍ରସ୍ତାବ ଆମନ୍ତ୍ରଣ କରିବେ । ଏହି ସମସ୍ତ ପ୍ରକଳ୍ପଗୁଡ଼ିକ ଜିଲ୍ଲାପାଳଙ୍କୁ ସମ୍ବୋଧିତ କରାଯାଇ ନୋଟିସ ପ୍ରକାଶରେ ୦୭ ଦିନ ମଧ୍ୟରେ ଦାଖଲ କରାଯିବ ।

(ଖ) ଅନୁଚ୍ଛେଦ ୮ (ଅନୁମୋଦନକାରୀ କର୍ତ୍ତୃପକ୍ଷ) ନିମ୍ନମତେ ପ୍ରତିସ୍ଥାପନ କରାଗଲା ।

୮.୧ – ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧକ୍ଷତାରେ ଏକ ଜିଲ୍ଲା ସ୍ତରୀୟ କମିଟି ରହିବ। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ; ସଦସ୍ୟ-ସଂଯୋଜକ ଭାବରେ କାର୍ଯ୍ୟ କରିବେ। ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ); ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ)/ ନିର୍ବାହୀ ଯନ୍ତ୍ରୀ (ଇଇ) ଏବଂ ଜିଲ୍ଲା ପରିଷଦର ଏ.ପି.ଡି., ବୈଷୟିକ ସଦସ୍ୟ ଭାବରେ କାର୍ଯ୍ୟ କରିବେ।

୮.୨ - ଗ୍ରାମସଭାରୁ ପ୍ରକଳ୍ପ ତାଲିକା ପ୍ରାପ୍ତ ହେବା ପରେ ଏବଂ ପାରା ୭.୨ ଅନୁଯାୟୀ ପ୍ରାପ୍ତ ସମସ୍ତ ପ୍ରସ୍ତାବଗୁଡ଼ିକୁ ବିଚାର କରି ଜିଲ୍ଲା ସ୍ତରୀୟ କମିଟି ପ୍ରକଳ୍ପଗୁଡ଼ିକର ଗ୍ରହଣୀୟତା ଏବଂ ସମ୍ଭାବ୍ୟତା ଯାଞ୍ଚ କରିବ ଏବଂ ଆର୍ଥିକ ବର୍ଷର ଆର୍ଥିକ ଆବଣ୍ଟନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଆବଶ୍ୟକତା ଏବଂ ପ୍ରାଥମିକତା ଅନୁଯାୟୀ ପ୍ରକଳ୍ପଗୁଡ଼ିକୁ ଚୂଡ଼ାନ୍ତ କରିବ।

୮.୩ - ଚୂଡ଼ାନ୍ତ ପ୍ରକଳ୍ପଗୁଡ଼ିକର ତାଲିକା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ କରାଯିବ।

୮.୪ - ପଞ୍ଚାୟତ ସମିତି ହିସାବ ପ୍ରକ୍ରିୟା ନିୟମ, ୨୦୦୨ ଏବଂ ପରବର୍ତ୍ତୀ ସମୟରେ ସେଥିରେ କରାଯାଇଥିବା ସଂଶୋଧନ ଅନୁଯାୟୀ ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ।

(ଗ) ଅନୁଚ୍ଛେଦ ୧୧-କ (ତ୍ରୁଟି ଦାୟିତ୍ୱ ଅବଧି) ଅନ୍ତର୍ଭୁକ୍ତ କରାଗଲା ।

୧୧-କ- ୧୦ ଲକ୍ଷ ଟଙ୍କାରୁ ଅଧିକ ଆନୁମାନିକ ମୂଲ୍ୟ ଥିବା ସମସ୍ତ ପ୍ରକଳ୍ପ ପାଇଁ, ପ୍ରକଳ୍ପଗୁଡ଼ିକ ସମାପ୍ତ ହେବା ଏବଂ ହସ୍ତାନ୍ତର ହେବା ତାରିଖରୁ ୦୩ (ତିନି) ବର୍ଷର ଏକ ତ୍ରୁଟି ଦାୟିତ୍ୱ ଅବଧି (Defect Liability Period) ପ୍ରଯୁଜ୍ୟ ହେବ। ଏହି ସମୟ ମଧ୍ୟରେ, କାର୍ଯ୍ୟ ନିର୍ବାହୀମାନେ ନିଜ ଖର୍ଚ୍ଚରେ କାର୍ଯ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣ ନିଶ୍ଚିତ କରିବେ ଏବଂ ରକ୍ଷଣାବେକ୍ଷଣ ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ । ଏଥି ସହିତ କାରିଗରୀ, ସାମଗ୍ରୀ କିମ୍ବା ଡିଜାଇନ୍ ରୁ ସୃଷ୍ଟି ହେଉଥିବା ଯେକୌଣସି କ୍ଷତି କିମ୍ବା ତ୍ରୁଟିକୁ କ୍ଲାଏଣ୍ଟ କିମ୍ବା କର୍ତ୍ତୃପକ୍ଷଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ପ୍ରଭାବ ନ ପକାଇ ତୁରନ୍ତ ସଂଶୋଧନ କରିବା ସୁନିଶ୍ଚିତ କରାଇବେ ।

(ଘ) ଏତଦ୍ ଦ୍ୱାରା ସଂକଳ୍ପନାମା (ସଂଯୋଜକ) ସଂଖ୍ୟା . ୬୭୬୫ ତା ୧୧.୦୩.୨୦୨୫ ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା ୮୧୪୨ ତା. ୨୫.୦୩.୨୦୨୫ ରିଖ ପ୍ରତ୍ୟାହାର କରାଯାଉଅଛି।

"ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ନିର୍ଦ୍ଦେଶାବଳୀରେ ଉପରୋକ୍ତ ପରିବର୍ତ୍ତନ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶନ ତାରିଖରୁ କାର୍ଯ୍ୟକାରୀ ହେବ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

କମିଶନର ତଥା ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୦ /ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା.୦୩/୦୮/୨୦୨୨ ରିଖ

ଏହାର ଏକକିତା ନକଲ ବ୍ୟକ୍ତିଗତ ସଚିବ, ମାନ୍ୟବର ମୁଖ୍ୟମନ୍ତ୍ରୀ/ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ /ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ/ମୁଖ୍ୟ ସଚିବ / ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ/ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ/ ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ /ମୁଖ୍ୟ ସଚିବ/ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୧ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା.୦୩/୦୮/୨୦୨୨ ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ/ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୨ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୮/୨୦୨୨ ରିଖ

ଏହାର ଏକକିତା ନକଲ ସରକାରଙ୍କ ସମସ୍ତ ବିଭାଗ/ବିଭାଗୀୟ ମୁଖ୍ୟଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୩ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା.୦୩/୦୮/୨୦୨୨ ରିଖ

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ କମିଶନର/ ସମସ୍ତ ଜିଲ୍ଲାପାଳ/ ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ / ସମସ୍ତ ବିଡିଓଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୪ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୧/୨୦୨୬ ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମସ୍ତ ଅଫିସର/ ସମସ୍ତ ଉପବିଭାଗକୁ (ଗାର୍ଡ ଫାଇଲ ୧୦ ନକଲ ) ସେମାନଙ୍କ ଗୋଚରାର୍ଥେ ଓ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୫ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୧/୨୦୨୬ ରିଖ

ଏହାର ଏକକିତା ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ, କଟକ ଓଡିଶାଙ୍କୁ ପରବର୍ତ୍ତୀ ଅତିରିକ୍ତ ସାଧାରଣ ପ୍ରସଙ୍ଗରେ ପ୍ରକାଶ ସହିତ ବିଭାଗକୁ ୧୦୦ କପି ଯୋଗାଇବା ନିମନ୍ତେ ଅନୁରୋଧ କରାଗଲା ।

ଯୁଗ୍ମ ଶାସନ ସଚିବ

Tapan (Z.P)
12/1/26